بسم الله الرحمٰن الرحيم

**ଖୁତବା ଜୁମା ୨୮ ଫେବୃୟାରୀ ୨୦୨୦ର ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସଲାମାବାଦ୍, ଟେଲଫୋର୍ଡ୍**

# *ଆଁହଜ଼ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସଂପନ୍ନ ସାହବି ହଜ଼ରତ୍ ମୁସ୍‌ଅବ୍ ବିନ୍ ଉମୈର୍ ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧ ଓ ମନମୁଗ୍ଧକର ଚର୍ଚ୍ଚା ।*

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜ଼ୁର ଅନୱର ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ : ଆଜି ଯେଉଁ ସାହାବିଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି ହଜ଼ରତ ମୁସଅବ୍ ବିନ୍ ଉମୈର୍ ର.ଅ । ହଜ଼ରତ ମୁସଅବ୍ ବିନ୍ ଉମୈର୍ ର.ଅଙ୍କ ସଂପର୍କ କୁରୈଶ୍ ସଂପ୍ରଦାୟର ବନୁ ଅବଦ୍ଦୁଦ୍ ଦାର ସହିତ ଥିଲା । ହଜ଼ରତ ଉମୈର ର.ଅଙ୍କ ମାତା ମକ୍କାର ଜଣେ ବିତ୍ତଶାଳୀ ମହିଳା ଥିଲେ । ହଜ଼ରତ ମସଅବ୍ ବିନ୍ ଉମୈର ର.ଅଙ୍କ ଅଭିଭାବକ ଉମୈର ର.ଅଙ୍କୁ ଖୁବ ଭଲ ପାଉଥିଲେ । ହଜ଼ରତ ମୁସଅବ୍ ବିନ୍ ଉମୈର ର.ଅଙ୍କ ମାତା ତାଙ୍କର ସେବା ଅତ୍ୟନ୍ତ ସ୍ନେହ ଓ ନିରାଡ଼ମ୍ବରତା ସହକାରେ କରିଥିଲେ । ତାଙ୍କ ମାତା ତାଙ୍କୁ ଅତ୍ୟନ୍ତ ଉତ୍ତମ ପୋଷାକ ଏବଂ ସର୍ବୋତ୍ତମ ବସ୍ତ୍ର ପିନ୍ଧାଉଥିଲେ ଏବଂ ହଜ଼ରତ ମୁସଅବ୍ ର.ଅ ମକ୍କାର ଏକ ଉତ୍କୃଷ୍ଟ ଧରଣର ସୁଗନ୍ଧ ଲଗାଉଥିଲେ । ହଜ଼ରତ ମୁସଅବ୍ ବିନ୍ ଉମୈର୍ ର.ଅଙ୍କ ସ୍ତ୍ରୀଙ୍କ ନାମ ହିମନା ବିନତ୍ ହଜଶ୍ ଥିଲା, ଯିଏକି ରସୁଲୁଲ୍ଲାଃ ସ.ଅଙ୍କର ପବିତ୍ର ପତ୍ନି ଉମ୍ମୁଲ୍ ମୁମିନିନ୍ ହଜ଼ରତ ଜ଼ୈନବ୍ ବିନତ ହଜଶଙ୍କର ଭଉଣୀ ଥିଲେ ।

ହଜ଼ରତ ମୁସଅବ୍ ବିନ୍ ଉମୈର୍ ର.ଅ ପଦମର୍ଯ୍ୟାଦା ସଂପନ୍ନ ସାହାବାମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ ଏବଂ ପ୍ରାରମ୍ଭିକ ପର୍ଯ୍ୟାୟରେ ହିଁ ସେ ଇସଲାମ୍ ଧର୍ମରେ ଦୀକ୍ଷିତ ହୋଇଥିଲେ । କିନ୍ତୁ ନିଜର ମାତା ଓ ଜାତିର ବିରୋଧାଭାସ ପାଇ ସେ ନିଜ ବିଶ୍ୱାସକୁ ଗୁପ୍ତ ରଖିଥିଲେ । ହଜ଼ରତ ମୁସଅବ୍ ର.ଅ ଗୁପ୍ତ ରୂପେ ଆଁହଜ଼ରତ ସ.ଅଙ୍କ ସେବାରେ ଉପସ୍ଥିତ ହେଉଥିଲେ । ଏକଦା ଉସମାନ୍ ବିନ୍ ତଲହା ମୁସଅବ୍ ବିନ୍ ଉମୈର୍ ର.ଅଙ୍କୁ ନମାଜ୍ ପଢୁଥିବାର ଦେଖି ନେଇଥିଲେ ଏବଂ ତାଙ୍କ ପରିବାରବର୍ଗଙ୍କୁ ସୂଚିତ କରିଥିଲେ । ଯାହାଫଳରେ କି ତାଙ୍କର ଅଭିଭାବକମାନେ ତାଙ୍କୁ କ୍ୱୈଦ୍ କରିଦେଇଥିଲେ । ସେ କୌଣସି ମତେ ବନ୍ଦୀ ଅବସ୍ଥାରୁ ଖସି ଆସି ହବଶା ଆଡ଼କୁ ପ୍ରବାସ କରିଥିଲେ । କିଛି କାଳ ପରେ ହବଶାକୁ ପ୍ରବାସ କରିଥିବା କେତେକ ପ୍ରବାସକାରୀମାନେ ଯେତେବେଳେ ମକ୍କାକୁ ପ୍ରତ୍ୟାବର୍ତ୍ତନ କଲେ, ସେତେବେଳେ ହଜ଼ରତ ମୁସଅବ ବିନ୍ ଉମୈର୍ ର.ଅ ମଧ୍ୟ ସେହି ପ୍ରବାସକାରୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ । ଯେତେବେଳେ ହଜ଼ରତ ମୁସଅବ୍ ବିନ୍ ଉମୈର ର.ଅଙ୍କ ମାତା ତାଙ୍କର ଶୋଚନୀୟ ଅବସ୍ଥା ଦେଖିଲେ ସେତେବେଳେ ସେ ଭବିଷ୍ୟତ ପାଇଁ ବିରୋଧକୁ ପରିତ୍ୟାଗ କରିଦେଲେ ଏବଂ ପୁତ୍ରକୁ ତା'ର ଅବସ୍ଥାରେ ଛାଡ଼ିଦେଲେ । ହଜ଼ରତ ମୁସଅବ୍ ବନି୍ ଉମୈର ର.ଅଙ୍କୁ ଦୁଇଥର ପ୍ରବାସ କରିବାର ସୌଭାଗ୍ୟ ଅର୍ଜନ ହୋଇଥିଲା । ମୁସଅବ ର.ଅ ପ୍ରଥମ ପ୍ରବାସ ହବଶା ଆଡ଼କୁ କରିଥିଲେ ଏବଂ ଦ୍ୱିତୀୟ ପ୍ରବାସ ମଦିନା ଆଡ଼କୁ କରିଥିଲେ । ହଜ଼ରତ ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ହଜ଼ରତ ମୁସଅବ୍ ବିନ୍ ଉମୈର୍ ର.ଅଙ୍କୁ ମୁଁ ନିରାଡମ୍ବର ପୂର୍ଣ୍ଣ କାଳରେ ଦେଖିଥିଲି ଓ ମୁସଲମାନ ହେବା ପରେ ମଧ୍ୟ ଦେଖିଥିଲି । ଇସଲାମ ପାଇଁ ତାଙ୍କୁ ଏତେ ଦୁଃଖ କଷ୍ଟ ସହ୍ୟ କରିବାକୁ ପଡ଼ିଥିଲା କି ତାଙ୍କ ଶରୀରରୁ ଚର୍ମ ଏପରିଭାବେ ବାହାରିବାକୁ ଲାଗିଥିଲା, ଯେପରି ସର୍ପ ନିଜ ଶରୀରରୁ ଚର୍ମର ଯେପରି କାତି ବାହାର କରିଥାଏ ଏବଂ ପୁନଃ ତା'ର ନୂତନ ଚର୍ମ ବାହାରି ଆସିଥାଏ । ସୁତରାଂ ଏଗୁଡ଼ିକ ତାଙ୍କର ସେହି ଆଶ୍ଚର୍ଯ୍ୟଜନକ ବଳିଦାନ ହିଁ ଥିଲା ।

ହଜ଼ରତ୍ ମୁସଅବ୍ ବିନ୍ ଉମୈର ର.ଅ ଦିନେ ମଦିନାରେ ରସୁଲୁଲ୍ଲାଃ ସ.ଅଙ୍କ ପାଖକୁ ଆସିଲେ, ସେତେବେଳେ ରସୁଲୁଲ୍ଲାଃ ସ.ଅ ନିଜ ସାହାବମାନଙ୍କ ଗହଣରେ ବସିଥିଲେ । ସେ ସମୟରେ ହଜ଼ରତ ମୁସଅବ୍ ବିନ୍ ଉମୈର ର.ଅଙ୍କ ପନ୍ଧିଥିବା ପୋଷାକରେ ଚମଡ଼ାର ନଥା ପଡ଼ିଥିଲା । ହଜ଼ରତ ମୁସଅବ୍ ବିନ୍ ଉମୈର ର.ଅ ଆସି ସଲାମ୍ କଲେ । ଆଁହଜ଼ରତ ସ.ଅ ଏହାର ଉତ୍ତର ଦେଲେ ଏବଂ ତାଙ୍କର ଖୁବ୍ ପ୍ରଶଂସା କଲେ । ହୁଜ଼ୁର ସ.ଅ କହିଲେ ଯେ, ସକଳ ପ୍ରଶଂସା କେବଳ ଅଲ୍ଲାଃତାଲାଙ୍କ ପାଇଁ ଉଦ୍ଦିଷ୍ଟ ଯେ, ସାଂସାରିକ ବ୍ୟକ୍ତିମାନଙ୍କୁ ସେମାନଙ୍କର ସଂସାର ପ୍ରାପ୍ତ ହେଉ । ମୁଁ ମୁସଅବଙ୍କୁ ସେହି କାଳରେ ଦେଖିଥିଲେ ଯେତେବେଳେ ମକ୍କାର ସହରରେ ତାଙ୍କ ଠାରୁ ଅନ୍ୟ କେହି ଧନୀକ ବ୍ୟକ୍ତି ନଥିଲେ । ସେ ନିଜ ଅଭିଭାବକଙ୍କର ଅତ୍ୟନ୍ତ ପ୍ରିୟ ସନ୍ତାନ ଥିଲେ । କିନ୍ତୁ

ଅଲ୍ଲାଃତାଲା ଓ ତାଙ୍କର ପ୍ରେରିତଙ୍କ ବାର୍ତ୍ତାବହଙ୍କ ପ୍ରେମ ହିଁ ତାଙ୍କୁ ଏପରି ଅବସ୍ଥାରେ ଉପନୀତ କରାଇଛି ଏବଂ ସେ ନିଜର ସବୁକିଛି ବା ସର୍ବସ୍ୱ ଅଲ୍ଲାଃତାଲା ଓ ତାଙ୍କର ରସୁଲ ପାଇଁ ପରିତ୍ୟାଗ କରିଦେଇଥିଲେ ।

ହଜ଼ରତ ଅଲୀ ର.ଅ ବର୍ଣ୍ଣନା କରନ୍ତି ଯେ, ଆମେମାନେ ରସୁଲୁଲ୍ଲାଃ ସ.ଅଙ୍କ ସହିତ ମସଜିଦରେ ବସିଥିଲୁ । ହଜ଼ରତ ମୁସଅବ୍ ବିନ୍ ଉମୈର ର.ଅ ଆସିଲେ ତାଙ୍କ ଶରୀରକୁ ଆବୃତ୍ତ କରିଥିବା ଏକ ଚଦର ଯେଉଁଥିରେ ଚମଡ଼ାର ନଥା ପଡ଼ିଥିଲା । ଯେତେବେଳେ ରସୁଲୁଲ୍ଲାଃ ସ.ଅ ତାଙ୍କୁ ଦେଖିଲେ ସେତେବେଳେ ତାଙ୍କର ସେହି ଆଭିଜାତ୍ୟତାକୁ ମନେ ପକାଇ କାନ୍ଦି ପକେଇଲେ ସେ ପୂର୍ବେ କେଉଁ ଅବସ୍ଥାରେ ଥିଲେ ଏବଂ ବର୍ତ୍ତମାନ କେଉଁ ଅବସ୍ଥାରେ ଅଛନ୍ତି । ପୁନଶ୍ଚ ରସୁଲୁଲ୍ଲାଃ ସ.ଅ କହିଲେ, ସେହିଦିନ ତୁମର କ'ଣ ଅବସ୍ଥା ହେବ ଯେଉଁଦିନ ତୁମମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଗୋଟିଏ ହଳ ବସ୍ତ୍ର ସକାଳ ପିନ୍ଧିବ ଓ ଆଉ ହଳେ ବସ୍ତ୍ର ସନ୍ଧ୍ୟାରେ ପରିଧାନ କରିବ । ଅର୍ଥାତ ତୁମ ଧନ ଜୀବନରେ ଏତେ ସୁଖ ସମୃଦ୍ଧି ସୃଷ୍ଟି ହୋଇଯିବ ଯେ, ତୁମେ ସକାଳେ ଓ ସନ୍ଧ୍ୟାବେଳେ ନିଜର ବସ୍ତ୍ର ବଦଳୁଥିବ ଏବଂ ପୁନଶ୍ଚ ହୁଜୁର ସ.ଅ କହିଲେ ଯେ, ସେହି ବ୍ୟକ୍ତି ସମ୍ମୁଖରେ ଏକ ପାତ୍ର ରଖାଯିବ, ଏହି ପାତ୍ର ଶେଷ ହେବା ମାତ୍ରେ ଅନ୍ୟ ଏକ ପାତ୍ର ରଖାଯିବ ଅର୍ଥାତ ଯେଉଁଭଳି ଖାଦ୍ୟ ପରଷିବାର ବିଧି ବ୍ୟବସ୍ଥା ସାଂପ୍ରତିକ ସମାଜରେ ରହିଛି ସେହି ପ୍ରକାରର ବିଭିନ୍ନ ପ୍ରକାରର ଖାଦ୍ୟ ତା' ସମ୍ମୁଖରେ ରଖାଯିବ ଏବଂ ତୁମେ ନିଜ ବାସଭବନମାନଙ୍କରେ ପରଦା ଘୋଡ଼ାଇ ରଖିବ ଯେଉଁଭଳି ଖାନା କାଆବାରେ ପରଦା ଘୋଡ଼ାଯାଇଥାଏ । ଅର୍ଥାତ ଅତ୍ୟନ୍ତ ମୂଲ୍ୟବାନ ଧରଣର ପରଦା ବ୍ୟବହୃତ ହେବ । ଏହି ଦୃଶ୍ୟଟି ବର୍ତ୍ତମାନ ସଂପୂର୍ଣ୍ଣ ରୂପେ ଆମେ ଦେଖିବାକୁ ପାଇଥାଉ କିମ୍ବା ଏହି ସମୃଦ୍ଧିର ଦୃଶ୍ୟ ଯେତେବେଳେ ମୁସଲମାନମାନଙ୍କୁ ପରବର୍ତ୍ତୀ ପର୍ଯ୍ୟାରେ ପ୍ରାପ୍ତ ହୋଇଥିଲା । ସାହାବାମାନେ କହିଲେ ହେ ରସୁଲୁଲ୍ଲାଃ ସ.ଅ ! ଆମେମାନେ କ'ଣ ବର୍ତ୍ତମାନ ଅପେକ୍ଷା ଆଗାମୀ ଭବିଷ୍ୟତରେ ଆର୍ଥିକ ସ୍ୱଚ୍ଛଳତା ଦେଖିବୁ ? କିମ୍ବା ଅବାଧ ରୂପେ ଉପାସନା କରିବୁ । ଏପରି ସ୍ୱଚ୍ଛଳତା ଓ ସମୃଦ୍ଧିର ପରିସ୍ଥିତି ଥିବ ଯାହାଫଳରେ ଆମେମାନେ ଅବାଧ ରୂପେ ଉପାସାନା କରିବୁ ଏବଂ ପରିଶ୍ରମ ଓ କ୍ଲାଷ୍ଟତା ଠାରୁ ବର୍ତ୍ତିଯିବୁ । ଅର୍ଥାତ ଆମକୁ ଆଉ କୌଣସି ଅଧିକ ପରିଶ୍ରମ କରିବାକୁ ପଡ଼ିବ ନାହିଁ । ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅ କହିଲେ ନା ! ବର୍ତ୍ତମାନ ତୁମେ ସେହି ଦିନଠାରୁ ଅତ୍ୟନ୍ତ ଭଲ ଅବସ୍ଥାରେ ରହିଛ । ତୁମର ଅବସ୍ଥା ଓ ତୁମର ଉପାସନାର ସ୍ତରଗୁଡ଼ିକ ଆଗାମୀ ବଂଶଧାରମାନଙ୍କ ଅପେକ୍ଷା ମଧ୍ୟ ଉର୍ଦ୍ଧ୍ୱ ଅଟେ ଏବଂ ଆଗାମୀ ବଂଶଧରମାନଙ୍କୁ ଉକ୍ତ ସୁଖ ସ୍ୱାଚ୍ଛନ୍ଦ୍ୟ ଅବସ୍ଥା ସବୁ ଏହି ରୂପରେ ହିଁ ପ୍ରାପ୍ତ ହେବ ।

ବୈଅତେ ଅକ୍ବା ଅବସରରେ ମଦିନାରୁ ଆଗତ ୧୨ ଜଣ ବ୍ୟକ୍ତି ଆଁହଜ଼ରତ ସ.ଅଙ୍କ ହସ୍ତରେ ବୈଅତ୍ କରିଥିଲେ । ଯେତେବେଳେ ସେ ସମସ୍ତେ ମଦିନାକୁ ଫେରିବାକୁ ବାହାରିଲେ ସେତେବେଳେ ନବୀ କରୀମ୍ ସ.ଅ ହଜ଼ରତ ମୁସଅବ୍ ବିନ୍ ଉମୈର ର.ଅଙ୍କୁ ତାଙ୍କ ସହ ପ୍ରେରଣ କଲେ । କାରଣ ସେ ସେମାନଙ୍କୁ କୁରଆନ ପଢେଇବେ ଓ ସେମାନଙ୍କୁ ଇସଲାମ ଧର୍ମ ସଂପର୍କିତ ଶିକ୍ଷା ପ୍ରଦାନ କରିବେ । ହଜ଼ରତ ମୁସଅବ୍ ର.ଅ ମଦିନାରେ ହଜ଼ରତ ଅସଅଦ୍ ବିନ୍ ଜ଼ରାରଃ ର.ଅଙ୍କ ଘରେ ଅବସ୍ଥାନ କରିଥିଲେ । ମସ୍ଅବ ର.ଅ ନମାଜ଼ରେ ଇମାମର ଦାୟିତ୍ୱ ନିର୍ବାହ କରୁଥିଲେ । ହଜ଼ରତ ମୁସ୍ଅବ୍ ଦୀର୍ଘ ସମୟ ଧରି ହଜ଼ରତ ଅସଅଦ୍ ବିନ୍ ଜ଼ରାରାଃଙ୍କ ଘରେ ଅବସ୍ଥାନ କରିଥିଲେ । କିନ୍ତୁ ପରେ ହଜ଼ରତ ସାଆଦ୍ ବିନ୍ ମୁଆଜ୍ ର.ଅଙ୍କ ଘରକୁ ସ୍ଥାନାନ୍ତର ହୋଇଯାଇଥିଲେ । ହଜ଼ରତ ବରାଆ ବିନ୍ ଆଜ଼ିବ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅଙ୍କ ପ୍ରବାସକାରୀ ସାହାବାମାନଙ୍କ ମଧ୍ୟରୁ ଆମ ନିକଟକୁ ମଦିନାକୁ ସ୍ୱାଗତ କରିଥିବା ସର୍ବପ୍ରଥମ ସାହାବି ହେଉଛନ୍ତି ହଜ଼ରତ ମୁସ୍ଅବ୍ ବିନ୍ ଉମୈର୍ ର.ଅ ଓ ଉମ୍ମେ ମକତୁମ୍ ଥିଲେ । ମଦିନା ଠାରେ ପହଞ୍ଚି ଏହି ଉଭୟ ସାହାବାମାନେ ଆମମାନଙ୍କୁ କୁରାଆନ କରୀମ୍ ପଢେଇବାକୁ ଆରମ୍ଭ କରିଥିଲେ । ହଜ଼ରତ ବରାଅ କୁହନ୍ତି ଯେ, ମୁଁ ଆଜି ଯେପରି ମଦିନାବାସୀଙ୍କୁ ଆଁହଜ଼ରତ ସ.ଅଙ୍କ ଆଗମନ ଉପଲକ୍ଷେ ଆନନ୍ଦିତ ହେଉଥିବାରୁ ଦେଖୁଛି ସେପରି କେବେହେଲ ଏପରି ଅନନ୍ଦିତ ହୋଇଥିବାର ଦେଖି ନାହିଁ । ବାଳକ ବାଳିକାମାନେ କହିବାକୁ ଲାଗିଥିଲେ ଯେ, ଆପଣ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ଅଟନ୍ତି, ଆମମାନଙ୍କ ପାଖକୁ ଆସିଛନ୍ତି । ସିରତ୍ ଖାତମୁନ୍ ନବୀୟିନରେ ହଜ଼ରତ ମିର୍ଜ଼ା ବଶୀର ଅହମଦ ସାହେବ ହଜ଼ରତ ମୁସ୍ଅବ୍ ବିନ୍ ଉମୈର ର.ଅଙ୍କ ସଂପର୍କରେ ବର୍ଣ୍ଣନା କରନ୍ତି ଯେ,ଯେଉଁ ସାହାବାମାନେ ଦାରେ ଅରକ଼ମ ଠାରେ ବିଶ୍ୱାସ ଆଣିଥିଲେ, ସେମାନେ ସମସ୍ତ ପୂର୍ବକାଳୀନ ସାହାବାମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଅଟନ୍ତି । ତନ୍ମଧ୍ୟରୁ ସୁପ୍ରସିଦ୍ଧ ସାହାବି ହେଉଛନ୍ତି ହଜ଼ରତ ମୁସ୍ଅବ୍ ବିନ୍ ଉମୈର୍ ର.ଅ ଯିଏକି ଅତ୍ୟନ୍ତ ରୂପବାନ ଓ ସୁନ୍ଦର ଥିଲେ ଏବଂ ନିଜ ବଂଶରେ ଅତ୍ୟନ୍ତ ପ୍ରିୟବାନ୍ ବ୍ୟକ୍ତି ରୂପେ ପରିଗଣିତ ହେଉଥିଲେ । ଏହି ସାହିବି ଜଣକ ସେହି ସାହାବି ଅଟନ୍ତି ଯିଏ ୟସରବରେ ଇସଲାମର ପ୍ରଥମ ପ୍ରଚାରକ ରୂପେ

ପ୍ରେରିତ ହୋଇଥିଲେ ଏବଂ ଯାହାଙ୍କ ମାଧ୍ୟମରେ ମଦିନାରେ ଇସଲାମ୍ ଧର୍ମ ପ୍ରସାରିତ ହୋଇଥିଲା । ହଜ଼ରତ ମୁସ୍‌ଅବ୍ ବିନ୍ ଉମୈର ର.ଅ ମଦିନାର ପ୍ରଥମ ବ୍ୟକ୍ତି ଥିଲେ ଯିଏ ପ୍ରବାସ ପୂର୍ବରୁ ସାଆାଦ୍ ବିନ୍ ଖୈସମାଙ୍କ ଘରେ ଜୁମା ନମାଜ଼୍ ପଢେଇଥିଲେ। ହଜ଼ରତ ମୁସ୍‌ଅବ୍ ର.ଅ ହଜ଼ରତ ଅସଅଦ୍ ବିନ୍ ଜ଼ରାରାଃଙ୍କୁ ସାଙ୍ଗରେ ଧରି ଅନସାରର ବିଭିନ୍ନ ପ୍ରାସାଦରେ ପ୍ରଚାର ଉଦ୍ଦେଶ୍ୟ ନେଇ ଯାଉଥିଲେ । ହଜ଼ରତ ମୁସ୍‌ଅବ୍ ର.ଅଙ୍କ ମାଧ୍ୟମରେ ଅନେକ ସାହାବାମାନେ ମୁସଲମାନ ଧର୍ମରେ ଦୀକ୍ଷିତ ହୋଇଥିଲେ । ଉଦାହରଣ ସ୍ୱରୂପ ତନ୍ମଧ୍ୟରୁ ବଡ଼ ସାହାବି ହେଲେ ଯଥାକ୍ରମେ- ହଜ଼ରତ ଉବାଦା ବିନ୍ ବଶର୍, ହଜ଼ରତ ମୁହମ୍ମଦ୍ ବିନ୍ ମୁସଲମା, ହଜ଼ରତ ଉସୈଦ୍ ବିନ୍ ହୁଜ଼ୈର ଆଦି ସାହାବାମାନେ ଅନ୍ତର୍ଭୁକ୍ତ ଅଟନ୍ତି ।

ହଜ଼ରତ ମୁସ୍‌ଅବ୍ ବିନ୍ ଉମୈର ର.ଅଙ୍କ ପ୍ରଚାରର ଫଳାଫଳ ଯୋଗୁଁ ମଦିନାରେ ଘରେ ଘରେ ଇସଲାମର ଚର୍ଚ୍ଚା ହେବାକୁ ଲାଗିଥିଲା । ଓ୍ୱସ୍ ଏବଂ ଖଜ଼ରଜ୍ ସଂପ୍ରଦାୟ କ୍ଷିପ୍ରତାର ସହିତ ମୁସଲମାନ ଧର୍ମରେ ଦୀକ୍ଷିତ ହେବାକୁ ଆରମ୍ଭ କରିଦେଇଥିଲେ । କେତେକ ପରିସ୍ଥିତିରେ ତ' ସମଗ୍ର ସଂପ୍ରଦାୟ ଗୋଟିଏ ଦିନରେ ହିଁ ମୁସଲମାନ ଧର୍ମର ଦୀକ୍ଷିତ ହୋଇଯାଇଥିଲେ । ସୁତରାଂ ବନୁ ଅବଦ୍ଧୁଲ୍ ଅଶହଲ୍ ସଂପ୍ରଦାୟ ମଧ୍ୟ ଏହିପରି ଭାବରେ ଏକ ସମୟରେ ହିଁ ଏକତ୍ର ରୂପେ ମୁସଲମାନ ଧର୍ମରେ ଦୀକ୍ଷିତ ହୋଇଥିଲେ । ଉକ୍ତ ସଂପ୍ରଦାୟଟି ଅନସାରରର ପରିଚିତ ସଂପ୍ରଦାୟ ଓସ୍ ର ଏକ ପ୍ରତିଷ୍ଠିତ ଅଂଶ ଥିଲା ଏବଂ ସେହି ସଂପ୍ରଦାୟର ଅଧିପତିଙ୍କର ନାମ ସାଆାଦ୍ ବିନ୍ ମୁଆାଜ୍ ର.ଅ ଥିଲା । ଯିଏକି କେବଳ ବନୁ ଅବଦ୍ଧୁଲ୍ ଅଶହଲ୍ ସଂପ୍ରଦାୟର ଅଧିପତି ନଥିଲେ ବରଂ ଅସ ସଂପ୍ରଦାୟର ନେତା ଥିଲେ । ଯେତେବେଳେ ମଦିନାରେ ଇସଲାମ ଧର୍ମର ଚର୍ଚ୍ଚା ଆରମ୍ଭ ହେଲା ସେତେବେଳେ ସାଅଦ୍ ବିନ୍ ମୁଆାଜ୍ ର.ଅଙ୍କୁ ତାହା ଭଲ ଲାଗି ନଥିଲା । ତେଣୁ ସେ ଏହାକୁ ପ୍ରତିହତ କରିବାକୁ ଚେଷ୍ଟା କରିଥିଲେ । ଇସଲାମ ଧର୍ମରେ ଦୀକ୍ଷିତ ହେବା ପୂର୍ବରୁ ସାଆାଦ୍ ବିନ୍ ମୁଆାଜ୍ ଉଗ୍ର ବିରୋଧୀ ଥିଲେ । କିନ୍ତୁ ଅସ୍‌ଅଦ୍ ବିନ୍ ଜ଼ରାରାଃଙ୍କ ଠାରୁ ତାଙ୍କର ଘନିଷ୍ଠପୂର୍ଣ୍ଣ ସଂପର୍କ ଥିଲା । ଅର୍ଥାତ ସେ ପରସ୍ପରର ମାଉସୀଙ୍କ ପୁତ୍ର ଭାଇ ଥିଲେ ଏବଂ ଅସ୍‌ଅଦ ବିନ୍ ଜ଼ରାରା ସେତେବେଳେ ଇସଲାମ୍ ଧର୍ମରେ ଦୀକ୍ଷିତ ହୋଇସାରିଥିଲେ । ଏଣୁ ସାଆାଦ୍ ବିନ୍ ମୁଆାଜ୍ ର.ଅ ସିଧାସଳଖ ହସ୍ତକ୍ଷେପ କରିବାକୁ ଅଟକି ଯାଉଥିଲେ । କାରଣ ଯେପରି କୌଣସି ଅଶାନ୍ତି ପରି ସମସ୍ୟା ନଉପୁଜୁ । ତେଣୁ ସେ ନିଜର ସଂପର୍କୀୟ ଉସୈଦ ବିନ୍ ଅଲ୍ ହଜ଼ରଙ୍କୁ କହିଲେ ଯେ, ଅସ୍‌ଅଦ୍ ବିନ୍ ଜ଼ରାରାଃ ଯୋଗୁଁ ମୋ ପାଇଁ ଏକ ବାଧକତା ରହିଛି। କିନ୍ତୁ ତୁମେ ଯାଇ ମୁସଅବଙ୍କୁ ଅଟକାଇ ଦିଅ । କାରଣ ଆମର ଲୋକମାନଙ୍କ ମଧ୍ୟରେ ସେ ଅଧର୍ମୀୟ କଥା ପ୍ରଚାର ନ କରନ୍ତୁ ଏବଂ ଅସ୍‌ଅଦଙ୍କୁ ମଧ୍ୟ କହିଦିଅ ଯେ, ତାଙ୍କର ଏଭଳି ଆଚରଣ କିଛି ଠିକ୍ ନୁହଁ । ଉସୈଦ୍ର ସଂପ୍ରଦାୟ ଅବଦ୍ଧୁଲ୍ ଅଶହଲ୍ ସଂପ୍ରଦାୟ ଠାରୁ ଅଧିପାତିମାନଙ୍କ ଠାରୁ ଅନ୍ୟତମ ଥିଲେ ଏବଂ ଅସ୍‌ଅଦ୍ ବିନ୍ ମୁଆାଜ୍ ପରେ ଉସୈଦ୍ ବିନ୍ ଅଲ୍ ହୁଜ଼ୈରର ମଧ୍ୟ ନିଜ ସଂପ୍ରଦାୟ ଉପରେ ଅଧିପତିତ୍ୱ ଥିଲା । ସୁତରାଂ ସାଆାଦଙ୍କ କହିବା ଯୋଗୁଁ ସେ ମୁସ୍‌ଅବ୍ ବିନ୍ ଉମୈର ଓ ଅସ୍‌ଅଦ୍ ବିନ୍ ଜ଼ରାରାଙ୍କ ପାଖକୁ ଗଲେ ଏବଂ ମୁସ୍‌ଅବ୍ ର.ଅଙ୍କୁ ସମ୍ବୋଧିତ କରି କ୍ରୋଧିତ ଭାବଭଙ୍ଗୀରେ କହିଲେ, ତୁମେ କାହିଁକି ଆମର ଲୋକମାନଙ୍କୁ ବିଧର୍ମୀ କରୁଛ । ତୁମେ ଏଥିରୁ ନିବୃତ୍ତ ହୋଇଯାଅ ନଚେତ୍ ଭଲ ହେବ ନାହିଁ କହି ଦେଉଛୁ । ହଜ଼ରତ ମୁସ୍‌ଅବ୍ ର.ଅଙ୍କ ଉତ୍ତର ଦେବା ପୂର୍ବରୁ ଅସ୍‌ଅଦ୍ ର.ଅ ଧୀରେ ମସ୍‌ଅବ୍ ର.ଅଙ୍କୁ କହିଲେ ଯେ, ଏ ନିଜ ସଂପ୍ରଦାୟର ପ୍ରଭାବଶାଳୀ ଅଧିପତି ଅଟନ୍ତି । ତାଙ୍କ ସହିତ୍ ଅତ୍ୟନ୍ତ ବିନୟପୂର୍ବକ ଓ ପ୍ରେମ ସହିତ କଥାବାର୍ତ୍ତା କରିବେ । ତେଣୁ ମୁସ୍‌ଅବ୍ ର.ଅ ଅତ୍ୟନ୍ତ ସଭ୍ୟପୂର୍ଣ୍ଣ ଓ ପ୍ରେମପୂର୍ଣ୍ଣ ଶୈଳୀରେ ଉସୈଦକୁ କହିଲେ "ଆପଣ କ୍ରୋଧିତ ହୁଅନ୍ତୁ ନାହିଁ ବରଂ ଦୟାକରି କିଛି କ୍ଷଣ ବସନ୍ତୁ ଏବଂ ଶୀତଳ ହୃଦୟର ସହିତ ଆମର କଥାକୁ ଶୁଣନ୍ତୁ ଏବଂ ଏହାପରେ ଯାଇ କୌଣସି ନିଷ୍ପତ୍ତି ଗ୍ରହଣ କରନ୍ତୁ । ଉସୈଦ ଉକ୍ତ କଥାକୁ ଔଚିତ୍ୟ ବୋଲି ଭାବି ବସି ପଡ଼ିଲେ, ସେ ପୁଣ୍ୟ ସ୍ୱଭାବୀୟ ବ୍ୟକ୍ତି ଥିଲେ । ମୁସ୍‌ଅବ୍ ର.ଅ ତାଙ୍କୁ କୁରଆନ ଶୁଣାଇଲେ ଏବଂ ଅତ୍ୟନ୍ତ ପ୍ରେମପୂର୍ଣ୍ଣ ଭଙ୍ଗୀରେ ଇସଲାମୀୟ ଶିକ୍ଷା ସିଦ୍ଧାନ୍ତ ସହିତ ଅବଗତ କରାଇଲେ।" ଉସୈଦ ର.ଅଙ୍କ ଉପରେ ଏହାର ଏଭଳି ପ୍ରଭାବ ପଡ଼ିଲା ଯେ, ସେ ସେଇଠି ହିଁ ମୁସଲମାନ ହୋଇଯାଇଥିଲେ ଏବଂ ପୁନଶ୍ଚ କହିବାକୁ ଲାଗିଲେ ଯେ, ମୋ ପଛରେ ଏଭଳି ଏକ ବ୍ୟକ୍ତି ଅଛି ଯିଏ ଯଦି ବିଶ୍ୱାସ ଆଣନ୍ତି ତେବେ ଆମର ସମଗ୍ର ସଂପ୍ରଦାୟ ମୁସଲମାନ ଧର୍ମରେ ଦୀକ୍ଷିତ ହୋଇଯିବ । ତୁମେ ରୁହ ! ମୁଁ ତାଙ୍କୁ ବର୍ତ୍ତମାନ ଏଠାକୁ ପ୍ରେରଣ କରୁଛି । ଏହା କହି ଉସୈଦ୍ ଉଠି ଚାଲିଗଲେ ଏବଂ କୌଣସି ବାହାନାରେ ସାଆାଦ୍ ବିନ୍ ମୁଆାଜ୍ ର.ଅଙ୍କୁ ମୁସ୍‌ଅବ୍ ବିନ୍ ଉମୈର୍ ଓ ଅସ୍‌ଅଦ୍ ବିନ୍ ଜ଼ରାରାଙ୍କ ଆଡ଼କୁ ପ୍ରେରଣ କଲେ । ତା'ପରେ ଜବାବରେ ମୁସ୍‌ଅବ୍ ର.ଅ ଏହିପରି ବିନୟତା ଓ ପ୍ରେମପୂର୍ଣ୍ଣ ସହିତ ତାଙ୍କୁ ଇସଲାମ ଧର୍ମର ବାର୍ତ୍ତା ପ୍ରଚାର କଲେ । ବର୍ତ୍ତମାନ ଅଧିକ ସମୟ ହୋଇନଥିଲା କି ଏହି ମୂର୍ତ୍ତି

ମଧ୍ୟ ରାମ ଥିଲା । ସୁତରାଂ ସାଆଦ୍ ର.ଅ ପରମ୍ପରା ଅନୁଯାୟୀ ସ୍ନାନ କରି କଲମା ଶାହାଦତ୍ ପଢିଲେ ଏବଂ ପୁନଶ୍ଚ ଏହାପରେ ସାଆଦ୍ ବିନ୍ ମୁଆଜ୍ ଓ ଉସୈଦ୍ ବିନ୍ ଅଲ୍ ହଜ଼ର୍ ର.ଅ ଉଭୟେ ମିଳିତ ଭାବେ ନିଜ ସଂପ୍ରଦାୟ ଆଡ଼କୁ ଗଲେ ଏବଂ ସାଆଦ୍ ର.ଅ ତାଙ୍କୁ ଖାଣ୍ଟି ଆରବୀୟ ଭଙ୍ଗୀରେ ପଚାରିଲେ ଯେ, ହେ ବନି ଅବଦ୍ଦୁଲ୍ ଅଶହଲ୍ ତୁମେ ମୋତେ କିପରି ଜାଣୁଛ ? ସମସ୍ତେ ଏକସ୍ୱର ହୋଇ ଉତ୍ତର ଦେଲେ ଯେ, ଆପଣ ଆମର ଅଧିପତି ଏବଂ ଅଧିପତିଙ୍କ ପୌତ୍ର ଅଟନ୍ତି ଏବଂ ଆପଣଙ୍କ କଥା ଉପରେ ଆମର ପୂର୍ଣ୍ଣ ବିଶ୍ୱାସ ରହିଛି । ସାଆଦ୍ ର.ଅ କହିଲେ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲା ଓ ତାଙ୍କର ବାର୍ତ୍ତାବାଙ୍କ ଉପରେ ବିଶ୍ୱାସ ଆଣି ନାହଁ ସେପର୍ଯ୍ୟନ୍ତ ତୁମମାନଙ୍କର ମୋ ସହିତ କୌଣସି ସଂପର୍କ ନାହିଁ । ଏହାପରେ ସାଆଦ୍ ତାଙ୍କୁ ଇସଲାମର ନୀତି ନିୟମ ସଂପର୍କରେ ଅବଗତ କରାଇଲେ । ବର୍ତ୍ତମାନ ସନ୍ଧ୍ୟା ହୋଇ ନଥିଲା କି ସମଗ୍ର ସଂପ୍ରଦାୟ ଇସଲାମ୍ ଧର୍ମରେ ଦୀକ୍ଷିତ ହେଲା ଏବଂ ସାଆଦ୍ ର.ଅ ଓ ଉସୈଦ୍ ର.ଅ ସ୍ୱୟଂ ନିଜ ହସ୍ତ ଦ୍ୱାରା ନିଜ ଜାତିର ମୂର୍ତ୍ତିଗୁଡ଼ିକୁ ବାହାର କରି ଭାଙ୍ଗି ଦେଇଥିଲେ ବା ଖଣ୍ଡ ଖଣ୍ଡ କରି ପକାଇଥିଲେ।

ହଜ଼ରତ ମିର୍ଜା ବଶୀର ଅହମଦ ସାହାବ ବର୍ଣ୍ଣନା କରନ୍ତି: ନବୱୀ ମାସ ୧୩ ତାରିଖ ଜୁଲ୍ ହଜ୍ଜା ଉପଲକ୍ଷେ ୱସ୍ ଓ ଖଜ଼ରଜ୍ ସଂପ୍ରଦାୟରେ ଶତାଧିକ ଲୋକମାନେ ମକ୍କାକୁ ଆସିଥିଲେ । ମୁସ୍‌ଅବ୍ ବିନ୍ ଉମୈର ର.ଅ ମଧ୍ୟ ତାଙ୍କ ସହିତ ଥିଲେ । ମୁସ୍‌ଅବ୍ ର.ଅଙ୍କ ମାତା ଜୀବିତ ଥିଲେ ଏବଂ ମୂର୍ତ୍ତି ପୂଜକ ଥିଲେ । କିନ୍ତୁ ସେ ମୁସ୍‌ଅବ୍ ର.ଅଙ୍କୁ ବହୁତ ସ୍ନେହ କରୁଥିଲେ । ଯେତେବେଳେ ତାଙ୍କୁ ମୁସ୍‌ଅବ ର.ଅଙ୍କ ଆଗମନର ସୂଚନା ମିଳାଲା ସେତେବେଳେ ସେ ମୁସ୍‌ଅବ୍ ର.ଅଙ୍କୁ ଡ଼କାଇଲେ ଯେ, ପ୍ରଥମେ ଆସି ମୋତେ ଦେଖା କରନ୍ତୁ । ଏହାପରେ ଯାଇ ଅନ୍ୟ ସ୍ଥାନକୁ ଯିବ । ମୁସ୍‌ଅବ୍ ର.ଅ ଉତ୍ତର ଦେଲେ ଯେ, ମୁଁ ବର୍ତ୍ତମାନସୁଦ୍ଧା ରସୁଲୁଲ୍ଲାଃ ସ.ଅଙ୍କୁ ସାକ୍ଷାତ୍ କରି ନାହିଁ । ରସୁଲୁଲ୍ଲାଃ ସ.ଙ୍କୁ ସାକ୍ଷାତ୍ କରିବା ପରେ ଯାଇ ଆପଣଙ୍କ ନିକଟକୁ ଯିବି। ସୁତରାଂ ସେ, ଆଁହଜ଼ରତ ସ.ଅଙ୍କ ନିକଟରେ ଉପସ୍ଥିତ ହେଲେ ଏବଂ ହୁଜୁର ସ.ଅଙ୍କୁ ସାକ୍ଷାତ୍ କରି ନିଜର ମାତାଙ୍କ ପାଖକୁ ଗଲେ । ତାଙ୍କ ମାତା ମୁସ୍‌ଅବ୍ ର.ଅଙ୍କୁ ଦେଖି ବହୁତ କାନ୍ଦିଲେ ଓ ଅଭିମାନ କଲେ । ମୁସ୍‌ଅବ୍ ର.ଅ କହିଲେ, ମା ମୁଁ ତୁମକୁ ଗୋଟିଏ ଭଲ କଥା କହୁଛି, ଯାହା ତୁମ ପାଇଁ ଅତ୍ୟନ୍ତ ଲାଭଦାୟକ ଅଟେ ଏବଂ ସମସ୍ତ କଳହର ସମାଧାନ କରିଦେବ । ସେ କହିଲେ ତାହା କ'ଣ ? ମୁସ୍‌ଅବ୍ ର.ଅ ଧୀରେ ଉତ୍ତର ଦେଲେ । ବାସ୍ ତାହା ଏତିକି ଯେ, ମୂର୍ତ୍ତି ପୂଜାକୁ ତ୍ୟାଗ କରି ମୁସଲମାନ ହୋଇଯାଅ ଏବଂ ଆଁହଜ଼ରତ ସ.ଅଙ୍କ ଉପରେ ବିଶ୍ୱାସ ନେଇ ଆସ । ସେ ଜଣେ ପ୍ରଚଣ୍ଡ ମୂର୍ତ୍ତି ଉପାସକା ଥିଲେ । ଏହା ଶୁଣିବା ମାତ୍ରେ ସେ ଚିତ୍କାର କଲେ ଯେ, ମୁଁ ତାରକାମାନଙ୍କ ଶପଥ କରି କହୁଛି ମୁଁ ତୁମ ଧର୍ମରେ କେବେହେଲେ ଦୀକ୍ଷିତ ହେବି ନାହିଁ ଓ ନିଜର ପରିଜନମାନଙ୍କୁ ମଧ୍ୟ ଇଙ୍ଗିତ ଦଲେ ଯେ, ମସ୍‌ଅବ୍ ର.ଅଙ୍କୁ ଧରି ବନ୍ଦୀ କରିଦିଅ । କିନ୍ତୁ ଏସବୁ ସତ୍ତ୍ୱେ ହଜ଼ରତ ମୁସ୍‌ଅବ୍ ର.ଅ ଖସିଯାଇଥିଲେ । ହୁଜୁର ଅନୱର ଅ.ବ କହିଲେ: ହଜ଼ରତ ମୁସ୍‌ଅବ୍ ବିନ୍ ଉମୈର୍ ର.ଅଙ୍କ ଅତିରିକ୍ତ ଚର୍ଚ୍ଚା ଇନଶା ଅଲ୍ଲାଃ ଆଗାମୀ ଖୁତବାରେ ବର୍ଣ୍ଣନା କରିବି ।

ହୁଜୁର ଅନୱର ଅ.ବ କହିଲେ: ଆଜି ନମାଜ୍ ପରେ ଦୁଇଟି ନମାଜ୍ ଯନାଜ଼ାଃ ମଧ୍ୟ ପଢେଇବି । ତନ୍ମଧ୍ୟରୁ ପ୍ରଥମଟି ହେଉଛି ସ୍ୱର୍ଗତ ମୁନୱର୍ ଅହମଦ୍ ଜାୱେଦ୍ ସାହେବ, ପୁତ୍ର- ସମ୍ମାନନୀୟ ମଲକ୍ ମୁଜ଼ଫ୍ଫର ଅହମଦ ସାହେବ୍ ଯିଏ ୨୨ ଫେବୃୟାରୀରେ ୮୪ ବର୍ଷରେ ଇହଲୀଳା ସମ୍ବରଣ କରିଥିଲେ । إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ । ମଲକ୍ ମୁନୱର୍ ଅହମଦ ସାହାବଙ୍କ ଜେଜେ ବାପା ହଜ଼ରତ ଡ଼. ଜ଼ଫର ଚୌଧୁରୀ ଓ ଅଜା ହଜ଼ରତ ଶେଖ୍ ଅବଦ୍ଦୁଲ୍ କରୀମ୍ ସାହାବ ଉଭୟେ ହଜ଼ରତ ମସିହ୍ ମଉଦ୍ ଅ.ସଙ୍କ ହସ୍ତରେ ବୈଅତ୍ କରି ସାହାବିୟତର ସୌଭାଗ୍ୟ ଅର୍ଜନ କରିଥିଲେ । ୧୯୯୩ ମସିହା ଅଗଷ୍ଟ ମାସ ୧୦ ତାରିଖ ଦିନ ସେ ହଜ଼ରତ ଖଲିଫତୁଲ୍ ମସିହ୍ ରାବେ ରେ.ଅଙ୍କ ସେବାରେ ନିଜ ଜୀବନକୁ ଧର୍ମ ସେବା ପାଇଁ ଉତ୍ସର୍ଗ କରିଦେବା ପାଇଁ ଅନୁରୋଧ କରିଥିଲେ । ଏହି ଅନୁରୋଧକୁ ରକ୍ଷା କରି ହୁଜୁର ଅନୱର୍ ର.ଅ ୧୯୮୩ ମସିହା ଅଗଷ୍ଟ ମାସ ୧୮ ତାରିଖରେ ତାଙ୍କର ୱକ୍‌ଫକୁ (ଉତ୍ସର୍ଗୀକୃତ ଜୀବନ) ଗ୍ରହଣ କରିଥିଲେ । ଯେତେବେଳେ ସେ ସରକାରୀ ଚାକିରୀ କରୁଥିଲେ ସେତେବେଳର ଘଟଣା ବର୍ଣ୍ଣନା କରି ଏକଦା ମଲକ୍ ସାହେବ କହିଲେ ଯେ, ସର୍ଭିସ୍ ସମୟରେ ଆମର ଜଣେ ଈର୍ଷାପରାୟଣ ଇନଚାର୍ଜ୍ ଥିଲେ, ଏକଦା ସେ ମୋ ନିକଟକୁ ମୁବାହିସା ପାଇଁ ପ୍ରଫେସର ଖାଲିଦ୍ ମହମୁଦ ସାହେବଙ୍କୁ ଆଣିଥିଲେ । ଯିଏ ସେତେବେଳେ ଅତ୍ୟନ୍ତ ବିଦ୍ୱାନ ବ୍ୟକ୍ତି ଥିଲେ । ଯେତେବେଳେ ସେହି ଜ୍ଞାନୀ ବ୍ୟକ୍ତି ନିଜ ଉଦ୍ଦେଶ୍ୟରେ ସଫଳ ହୋଇପାରିଲା ନାହିଁ ସେତେବେଳେ ସେ କ୍ରୋଧିତ ହୋଇ ଗାଳି ଗୁଲଚ କରିବାକୁ ଆରମ୍ଭ କରିଦେଲେ । ତେବେ ସେ କହନ୍ତି ଯେ, ମୋର ଯେଉଁ ଅଫିସର ଥିଲେ ସେ ଡ଼ରି ଗଲେ ଯେ, ପ୍ରସଙ୍ଗଟି ଯେପରି ଖରାପ ନ ହୋଇଯାଉ । ଏହା ଦେଖି ସେହି ଅଲ୍ଲାମା ସାହାବ ମୋ ଇନଚାର୍ଜଙ୍କୁ ଉତ୍ସାହିତ କରି କହିଲେ ଯେ, ଏହି ଲୋକମାନେ ଈଶ୍ୱର, ରସୁଲ୍

ଓ ଧର୍ମ ପୁସ୍ତକ କୁରଆନ୍ ଉପରେ ଏତେ ଅନ୍ୟାୟ ତଥା ଅତ୍ୟାଚାର କରିଛନ୍ତି ଯେ, ଅଲ୍ଲାଃତାଲା ସେମାନଙ୍କୁ ନିପାତ କରିଦେଇ ଥାଆନ୍ତେ । କିନ୍ତୁ ଏମାନେ ପ୍ରତ୍ୟେକ ଥର ଏହି କାରଣ ଯୋଗୁଁ ବର୍ତ୍ତି ଯାଉଛନ୍ତି ଯେ, ଏମାନେ ନିଜ ନମାଜ଼ରେ ଖୁବ୍ କାନ୍ଦନ୍ତି । ତେବେ ଏହାର ଅର୍ଥ ଏହା ଯେ, ଏହି ଅହମଦିୟା ବିରୋଧୀ ଗୋଷ୍ଠୀମାନେ ଏହା ସ୍ୱୀକାର କରନ୍ତି ଯେ, ଅହମଦିମାନଙ୍କର ରୋଦନ ସେମାନଙ୍କୁ ସର୍ବଦା ସହାୟକ ହୋଇଥାଏ ଏବଂ ଅଲ୍ଲାଃତାଲା ତାଙ୍କରି ପ୍ରାର୍ଥନାକୁ ଶୁଣନ୍ତି । ଅଲ୍ଲାଃତାଲା ସେମାନଙ୍କର ଚକ୍ଷୁକୁ ଖୋଲନ୍ତୁ ଏବଂ ସେମାନେ ଜନତାଙ୍କୁ ଯେଉଁ ବିପଥ ଗାମୀ କରିଛନ୍ତି ଅଲ୍ଲାତାଲା ଜନସାଧାରଣଙ୍କୁ ସତ୍ ମାର୍ଗରେ ପରିଚାଳିତ କରନ୍ତୁ ଓ ଅଲ୍ଲାଃତାଲା ସେହି ଅଣ ଅହମଦିମାନଙ୍କର ଉପଦ୍ରବ ଓ ପ୍ରବଞ୍ଚନା ଠାରୁ ଲୋକ ମାନଙ୍କୁ ରକ୍ଷା କରନ୍ତୁ ।

ହୁଜୁର ଅନୱର ଅ.ବ କହିଲେ ଯେତେବେଳେ ମୁଁ ନାଜ଼ିରେ ଆଲା ଅର୍ଥାତ ଜମାଅତର ପ୍ରଧାନ ମନ୍ତ୍ରୀ ଥିଲି, ନାଜ଼ିର ଜ଼ିୟାଫତ୍ (ଅତିଥି ବିଭାଗୀୟ ମୁଖ୍ୟ) ମଧ୍ୟ ଥିଲି, ସେତେବେଳେ ସେ ନାଏବ୍ ନାଜ଼ିର ଜ଼ିୟାଫତ୍ ଥିଲେ । ମୁଁ ଦେଖିଅଛି ଯେ, ଜମାଅତୀୟ ସମ୍ପତ୍ତି ପ୍ରତି ଅତ୍ୟନ୍ତ ଚିନ୍ତିତ ଏବଂ ବ୍ୟଗ୍ର ରହୁଥିଲେ ଏବଂ ସତ କଥା କହିବାରୁ କେବେହେଲେ ଓହୋରୁ ନଥିଲେ । ଏହା ବ୍ୟତୀତ ସେ ମୋର ଉପମନ୍ତ୍ରୀ ପଦରେ ଅଧିଷ୍ଠିତ ଥିଲେ । ଯଦି ଜମାଅତ ସପକ୍ଷରେ କୌଣସି କଥାକୁ ଉପଯୁକ୍ତ ବୋଲି ସେ ମନେକରୁଥିଲେ ଏବଂ ମୁଁ ଯଦି ଅନ୍ୟ କୌଣସି କଥା କହି ଦେଇଛି ତେବେ ସେହି ପରିପ୍ରେକ୍ଷୀରେ ରୋକଠୋକ୍ ଭାବରେ ମୋର ନିଷ୍ପତ୍ତି ବିରୁଦ୍ଧରେ ମତବ୍ୟକ୍ତ କରି କହୁଥିଲେ ଯେ, ଯଦି ଏହା ଏହିପରି ହୁଅନ୍ତା ତେବେ ଭଲ ହୁଅନ୍ତା ଏବଂ ଏହିଭଳି ଲକ୍ଷଣ ପ୍ରତ୍ୟେକ ୱାକ଼ଫେ ଜିନ୍ଦେଗୀରେ ଦେଖାଯିବା ଉଚିତ୍ । କାରଣ ନିଜ ରାୟକୁ ଅତ୍ୟନ୍ତ ଶିଷ୍ଟାଚାରକୁ ଧ୍ୟାନ ରଖି ସଠିକ୍ ରୂପେ ନିଜର ଯୁକ୍ତିକୁ ଉପସ୍ଥାପିତ କରୁଥିଲେ । ଖିଲାଫତ୍ ସହିତ ତାଙ୍କର ବିଶ୍ୱସ୍ତତାର ସଂପର୍କ ଅତ୍ୟନ୍ତ ଉଚ୍ଚମାନର ଥିଲା । ଯାହାର ପରିପ୍ରକାଶ ତାଙ୍କର ପ୍ରତ୍ୟେକ ପତ୍ର ଓ ସାକ୍ଷାତକାରରୁ ଅନୁମିତ ହୁଏ । ଅଲ୍ଲାଃତାଲା ତାଙ୍କ ପ୍ରତି ସଦୟ ହୁଅନ୍ତୁ,  ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଏବଂ ତାଙ୍କର ସ୍ତ୍ରୀ ଓ ସନ୍ତାନ ସନ୍ତତିଙ୍କୁ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ ଏବଂ ତାଙ୍କର ପୁଣ୍ୟ କର୍ମଗୁଡ଼ିକ ଚିରଜୀବିତ ରଖିବା ପାଇଁ ସେମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

ଦ୍ୱିତୀୟ ଯନାଜ଼ାଃ ହେଉଛି ସ୍ୱର୍ଗତ ପ୍ରଫେସର ମୁନୱର୍ ଶମିମ୍ ଖାଲିଦ୍ ସାହାବ, ପୁତ୍ର-ମହବୁବ ଖାଲିଦ ସାହାବଙ୍କର ଯିଏକି ୨୦୨୦ ମସିହା ଫେବୃୟାରୀ ମାସ ୧୬ ତାରିଖ ଦିନ ରବୱାରେ ପ୍ରାୟ ୮୧ ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଥିଲେ । إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ । ୧୯୬୪ ମସିହାରେ ତାଙ୍କର ନିକାହ୍ ଅବସରରେ ହଜ଼ରତ ଖଲିଫତୁଲ୍ ମସିହ୍ ସାଲିସ୍ ର.ଅ କହିଲେ ଯେ, ପ୍ରଫେସର ମୁନୱର୍ ଶମିମ୍ ଖାଲିଦ୍ ସାହାବ୍ ମୋର ଘନିଷ୍ଠ ବନ୍ଧୁ ଥିଲେ । ପ୍ରଫେସର ମେହବୁବ୍ ଆଲମ୍ ଖାଲିଦ ସାହାବଙ୍କ ପୁତ୍ର ଅଟନ୍ତି ଯିଏକି ମୋ ପୁତ୍ରମାନଙ୍କ ପରି ପ୍ରିୟ ଅଟନ୍ତି । ମୁନୱର ଶମିମ୍ ଖାଲିଦ୍ ସାହେବ୍ ଅନେକ ସୁଗୁଣାବଳୀର ଅଧିକାରୀ ଥିଲେ । ତାଙ୍କର ସର୍ବପ୍ରଥମ ସୁଗୁଣ ହେଉଛି ଯେ, ସେ ଉପସ୍ଥିତ ଖଲିଫାଙ୍କ ସହିତ ଅତ୍ୟନ୍ତ ଆସକ୍ତପୂର୍ଣ୍ଣ, ପ୍ରେମମୟ, ନୈଷ୍ଠିକ ଓ ଆଜ୍ଞାନୁବର୍ତ୍ତିତାର ସଂପର୍କ ଥିଲା । ସେ ନମାଜ଼୍ ତେହଜ୍ଜୁଦ୍ ଓ ରୋଜା ନିୟମିତ ଭାବରେ ପାଳନ କରୁଥିଲେ । କଲେଜରେ କିଛି ସମୟ ପର୍ଯ୍ୟନ୍ତ ମୁଁ ତାଙ୍କର ଛାତ୍ର ଥିଲି ଏବଂ ଏହାପରେ ଯେତେବେଳେ ମୁଁ ଆଞ୍ଚଳିକ ନାଜ଼ିରେ ଆଲା ଥିଲି ସେତେବେଳେ ସେ ମୋ ସହିତ ଅତ୍ୟନ୍ତ ଶିଷ୍ଟତା ଓ ସଭ୍ୟତାପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କରୁଥିଲେ । ସେ କେବେହେଲେ ଏହି ପ୍ରତିକ୍ରିୟାଟି ଦେଇ ନାହାନ୍ତି ଯେ, ମୁଁ ତାଙ୍କର ଛାତ୍ର ଅଟେ । ନିଜ଼ାମେ ଖିଲାଫତ୍, ନିଜ଼ାମେ ଜମାଅତର ନିୟମକୁ ଅକ୍ଷରେ ଅକ୍ଷରେ ଆଜ୍ଞା ପାଳନ କରୁଥିଲେ ଏବଂ ଖିଲିଫା ହେବା ପରେ ମଧ୍ୟ ତାଙ୍କ ପରି ଅନୁକରଣ ଯୋଗ୍ୟ ବ୍ୟବହାର ରହିଥିଲା ତାହା ଅସାଧାରଣ ଥିଲା । ଅଲ୍ଲାଃତାଲା ତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ନିଜର ପ୍ରିୟତମର ପାଦତଳେ ସ୍ଥାନ ଦିଅନ୍ତୁ  ଏବଂ ମୃତକଙ୍କ ପରିଜନଙ୍କୁ ଧୈର୍ଯ୍ୟ ତଥା ସାହାସ ପ୍ରଦାନ କରନ୍ତୁ ଓ ସେମାନଙ୍କୁ ତାଙ୍କର ପୁଣ୍ୟାବଳୀଗୁଡ଼ିକୁ ଉଜ୍ଜୀବିତ ରଖିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ। ଆମିନ୍ ।

.....................................

**KHULASA KHUTBA JUMA HUZOOR ANWAR a.b.a**
**28th Feb 2020**

.........................